# ସିଭି ରମଣରେ 'ଏମ୍ଏଏମ୍ଆଇ-୨୦୧୫'

ଖଣ୍ଡଗିରି, ୧୩/୧୦(ଇମିସ): ସିଭି ରମଣ ଇଂଜିନିୟରିଂ କଲେଜର ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେସନ୍ ବିଭାଗ ସହ କୋଲକାତାର ଆଇ ଟ୍ରିପ୍ଲ ଇ ମିଳିତଭାବେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରୁଛନ୍ତି। ଡିସେମ୍ବର ୧୭ରୁ ୧୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ସମ୍ମିଳନୀର ଶୀର୍ଷକ ହେଲା ' ମଣିଷ ଓ ଯନ୍ତ୍ର ସହବନ୍ଧନ: ଏମ୍ଏଏମ୍ଆଇ-୨୦୧୫'।

ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ହେଉଛି ଇଲୋକ୍ଟ୍ରୋନିକ୍ସ ବିଭାଗର ଶିକ୍ଷକ ଓ ଛାତ୍ରମାନେ ସେମାନଙ୍କର ବୈଷୟିକ ଜ୍ଞାନ ଓ ଅନୁଭୂତିକୁକୁ ଏକ ଉଚ୍ଚସ୍ତରରେ ପହଞ୍ଚାଇବା। ମଣିଷ ଓ ଯନ୍ତ୍ର ସହବନ୍ଧନ ବିଷୟରେ ଜ୍ଞାନ, କୌଶଳ ଓ କାର୍ଯ୍ୟ ପ୍ରୟୋଗ କରି ସୂଚନା ଆଦାନ ପ୍ରଦାନ, ଜଟିଳତର ବୈଷୟିକ ଜ୍ଞାନ, ସ୍ୱୟଂ ପ୍ରବାହୀ ଜ୍ଞାନ ଆହରଣ, ଯାନ୍ତ୍ରିକ ନିଷ୍ପତ୍ତି ଏବଂ ଗାଣିତିକ ସମସ୍ୟାର ସମାଧାନ ଆଦି ପ୍ରସଙ୍ଗ ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ହେବ। କୃତ୍ରିମ ବୁଦ୍ଧି ପ୍ରୟୋଗ କରି କମ୍ପ୍ୟୁଟର ଦୃଷ୍ଟି ଓ ଜୀବବିଜ୍ଞାନର ବିଭିନ୍ନ ବିଭାଗରେ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବ। ଏ ବିଷୟରେ ସଂଶ୍ଳିଷ୍ଟ ବୈଜ୍ଞାନିକ ଓ ଯନ୍ତ୍ର ବିଶେଷଜ୍ଞମାନେ ଏହି ସମ୍ମିଳନୀ ପାଇଁ ନିବନ୍ଧ ପଠାଇ ପାରିବେ।

The Sambad 14.10.2015

807-A